# ଜୀବେ ନିଷ୍ଠୁରତା ଓ ପ୍ରତିକାର

■ ଡାଃ ପ୍ରକାଶ ଚନ୍ଦ୍ର ବିଧାର
ପଶୁଚିକିତ୍ସକ, ପାରିକୁଦ ପଶୁଚିକିତ୍ସାଳୟ

ଜୀବ ଓ ନିର୍ଜ୍ଜୀବଙ୍କୁ ନେଇ ଏହି ପୃଥିବୀର ସୃଷ୍ଟି । ଏହି ପୃଥିବୀ କକ୍ଷରେ ଅନେକ ବର୍ଷପରେ ଜୀବଜନ୍ତୁମାନଙ୍କର କ୍ରମ ବିକାଶ ପରେ ମନୁଷ୍ୟ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ଏବେ ମନୁଷ୍ୟ ସବୁ ଜନ୍ତୁମାନଙ୍କ ଉପରେ ତାର ଆଧିପତ୍ୟ ବିସ୍ତାର କରୁଛି । ପଶୁପକ୍ଷୀ ମନୁଷ୍ୟଙ୍କୁ ଖାଦ୍ୟଠାରୁ ଆରମ୍ଭ କରି ଏ ଦୁନିଆରେ ବଞ୍ଚିବାକୁ ସବୁ ପ୍ରକାର ଆନନ୍ଦ ପ୍ରଦାନ କରୁଛନ୍ତି । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପଶୁପକ୍ଷୀମାନଙ୍କୁ ଛାଡ଼ି ମନୁଷ୍ୟ ସମାଜ ବଞ୍ଚିବା କଷ୍ଟ ହୋଇ ପଡ଼ିବ । ଯାହାର ଜୀବନ ଅଛି ତାର ମୃତ୍ୟୁ ଅଛି । ପରିବର୍ତ୍ତନ ଏହି ଦୁନିଆର ନୀତି । ମନୁଷ୍ୟର ଏହି ଦେହ ଅଗ୍ନି, ପାଣି, ପବନ, ଆକାଶ ଓ ପୃଥିବୀରୁ ତିଆରି ଓ ଦିନେ ସେହିଥିରେ ମିଶିଯିବ । ସବୁଜାଣି ଶୁଣି ତଥାପି ମନୁଷ୍ୟ ବେଳେ ବେଳେ ପଶୁପକ୍ଷୀମାନଙ୍କ ଉପରେ ନିଷ୍ଠୁର ହେଉଛି । ମନୁଷ୍ୟ ତାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସବୁ ହିତାହିତ ଜ୍ଞାନ ହରାଇ ପଶୁପକ୍ଷୀମାନଙ୍କ ଉପରେ ଅତ୍ୟାଚାର କରୁଛି । ବିଶ୍ୱର ସୃଷ୍ଟି ମାତ୍ର, ପ୍ରାଣୀଙ୍କ ଆତ୍ମା ସମାନ । ମନୁଷ୍ୟ କେବଳ କଥା କହୁଥିବାରୁ ଶ୍ରେଷ୍ଠ ସ୍ଥାନ ଅଧିକାର କହୁଛି । ପଶୁପକ୍ଷୀଙ୍କ ଭାବ ଓ ଭଙ୍ଗିକୁ ପ୍ରାଣୀମାନଙ୍କ ପ୍ରତି ଦୟା ଓ ସେବା ହିଁ ପ୍ରକୃତିର ମାନବ ସେବା ।

ଆମ ସମାଜରେ ପଶୁପକ୍ଷୀମାନଙ୍କ ଉପରେ କରାଯାଉଥିବା କେତେକ ନିଷ୍ଠୁରତା ହେଲା –

୧. ମନୁଷ୍ୟ ନିଜର ସ୍ୱାର୍ଥପାଇଁ ପଶୁପକ୍ଷୀମାନଙ୍କୁ ଠାକୁରଙ୍କ ପାଖରେ ବଳି ଦେଉଛି । ଭଗବାନ କେବେ ଚାହାଁନ୍ତି ନାହିଁ ଗୋଟିଏ ଜୀବନ ନଷ୍ଟ କରି ଆଉ ଗୋଟିଏ ଜୀବନ ରକ୍ଷା କରିବାକୁ । ତେଣୁ ବଳିପ୍ରଥା ଏକ ସାମାଜିକ କୁସଂସ୍କାର ଅଟେ ।

୨. ଗାଇ, ବଳଦ, ଛେଳି, ମେଣ୍ଢା ଓ କୁକୁଡ଼ାମାନଙ୍କୁ ଗୋଟିଏ ଯାଗାରୁ ଅନ୍ୟ ଯାଗାକୁ ଟ୍ରକ୍ କିମ୍ବା କୌଣସି ଗାଡ଼ିରେ ଖୁନ୍ଦିକରି କଷ୍ଟ ଦେଇ ନେବା ଅତ୍ୟନ୍ତ ଦୁଃଖର କଥା ।

୩. ପଶୁପକ୍ଷୀମାନଙ୍କୁ ଆମର ଖୁସି ପାଇଁ ଯନ୍ତା କିମ୍ବା ଫାସରେ ଅବଦ୍ଧ କରି ରଖିବା ।

୪. କେତେକ ଯୌନପିପାସୁ ମଧ୍ୟ ଯୌନକ୍ଷୁଧା ମେଣ୍ଟାଇବାକୁ ବ୍ୟଭିଚାର କରିଥାନ୍ତି ।

୫. ଶଗଡ଼ ଗାଡ଼ି ବୋଝେଇ ନେଲାବେଳେ ଅତ୍ୟନ୍ତ ବେଶି ମାଲ ବୋଝେଇ ପଶୁମାନଙ୍କୁ ବହୁତ କଷ୍ଟ ହୁଏ ।

୬. କେହି ଖରାପ ସମୟକୁ ନଜର ନକରି ମାଡ଼ମାରି କଷ୍ଟ ଦେଇ ବଳଦଙ୍କୁ କାମ କରାଉଛନ୍ତି ।

୭. ଗାଈ ମଇଁଷିଠାରୁ ଅଧିକ କ୍ଷୀର ଆଶାରେ ପ୍ରତିଦିନ ପିଟୋସିନ୍ ପ୍ରଭୃତି ହରମୋନ୍ ଇଞ୍ଜେକ୍ସନ୍ ଦେବା ।

୮. ଗାଈ ଜନ୍ମପରେ ଗଉଡ଼ମାନେ ଗାଈକୁ ଧରାନ୍ତି ବା ଫୁକା ଦିଅନ୍ତି ।

୯. ଗାଈ ଦୁହିଁବା ସମୟକୁ ନାଦ ମାରିଲେ ଅତ୍ୟନ୍ତ ପ୍ରହାର କରି କଷ୍ଟଦେବା ।

୧୦. କେତେକ ଲୋକ ଚିହ୍ନ ପାଇଁ କାନ କାଟି ଦିଅନ୍ତି । ପେଟ ଓ ପିଠିରେ ଲୁହା ଗରମ କରି ନିଆଁ ଚେଙ୍କ ଦିଅନ୍ତି ।

୧୧. କାଞ୍ଜିଆ ହଟାରେ ପକାଇ ପଇସା ପାଇବା ଆଶାରେ ଜନ୍ତୁମାନଙ୍କୁ ଖାଦ୍ୟ ନଦେବା ଓ ଭିଷଣ ମାଡ଼ ମାରନ୍ତି ।

୧୨. ସାଇକେଲରେ କୁକୁଡ଼ାମାନଙ୍କ ଗୋଡ଼କୁ ଝୁଲାଇ ନେବା ।

୧୩. ପଶୁପକ୍ଷୀମାନଙ୍କ ଉପରେ ଅନେକ ଔଷଧ ପରୀକ୍ଷା କରାଯାଉଛି । ପରୀକ୍ଷା ସମୟରେ ହେଉଥିବା କ୍ଷତକୁ ଭଲ ନକରି ବାହାରେ ଛାଡ଼ି ଦେଉଛନ୍ତି ।

୧୪. ଜନ୍ତୁମାନଙ୍କୁ ଲଢ଼େଇ କରି ଆନନ୍ଦ ପାଇବା ଯଥା ଗଞ୍ଜାଲଢ଼େଇ, ଷଣ୍ଢଲଢ଼େଇ ଓ ବୋଦା ଲଢ଼େଇ ଦ୍ୱାରା ବାଜି ରଖି କଷ୍ଟ ଦିଆଯାଉଛି ।

୧୫. ଗୋରୁ ଗାଈମାନଙ୍କୁ ପ୍ରଚଣ୍ଡ ଖରାରେ ବାନ୍ଧିଲେ ହାଇପରଥରମିଆ ରୋଗ (ଅଂଶୁଘାତ) ହୋଇ ଜୀବନ ଯାଉଛି ।

୧୬. ବୃଦ୍ଧ, ଅକର୍ମଣ୍ୟ ରୋଗଣା ଓ ବୁଲା ପଶୁପକ୍ଷୀମାନଙ୍କୁ ବାହାରେ ଛାଡ଼ି ଦେଉଛନ୍ତି । ତାଙ୍କ ପାଇଁ ଖାଦ୍ୟ ଓ ଆଶ୍ରୟର ସୁବିଧା ନାହିଁ ।

## ପ୍ରତିକାର:

ଏ ଦୁନିଆରେ ପଶୁପକ୍ଷୀଙ୍କର ସ୍ୱାଧୀନ ଭାବରେ ବଞ୍ଚିବାର ମୌଳିକ ଅଧିକାର ଅଛି । ତେଣୁ ତାଙ୍କୁ ସେଥିରୁ ନିଶ୍ଚିହ୍ନ କରି ଆମକୁ ସବୁବେଳେ ସାହାଯ୍ୟ ମନୋବୃତ୍ତି କରିବାକୁ ପଡ଼ିବ ।

ପ୍ରଥମତଃ ଅକର୍ମଣ୍ୟ ଓ ଅସହାୟ ପଶୁପକ୍ଷୀଙ୍କର ଆଶୁଚିକିତ୍ସା କରି ନିକଟସ୍ଥ ପଶୁଚିକିତ୍ସା କେନ୍ଦ୍ରର ସାହାଯ୍ୟ ନେବେ । ଦ୍ୱିତୀୟରେ ଗାଁଗଣ୍ଡାରେ ସଭାସମିତି କରି ପଶୁପକ୍ଷୀମାନଙ୍କ ମୌଳିକ ଅଧିକାର ଉପରେ ଆଲୋଚନା କରିବା ଉଚିତ । ତୃତୀୟରେ ପଶୁପକ୍ଷୀମାନଙ୍କ ଯତ୍ନ ଉପରେ ଦୈନିକ କାଗଜ, ଲିଫ୍‌ଲେଟ୍ ଓ ଦୂରଦର୍ଶନ ମାଧ୍ୟମରେ ନିଷ୍ଠୁରତା ବିରୁଦ୍ଧରେ ସମ୍ୟକ୍ ପ୍ରାଥମିକ ଜ୍ଞାନ ଦେବାକୁ ପଡ଼ିବ । ଚତୁର୍ଥରେ ୧୯୬୦ ମସିହାରେ ସରକାର କରିଥିବା ନିଷ୍ଠୁରତା ଉପରେ ନିୟମ ଓ ୧୯୭୨ ରେ ବନ୍ୟଜନ୍ତୁ ସଂରକ୍ଷଣ ନିୟମ ଉପରେ ଲୋକମାନଙ୍କୁ ସମ୍ୟକ ଧାରଣା ଦେବା ଦରକାର । ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ଜୀବେଦୟା ଉପରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିବା ଉଚିତ୍ । ଷଷ୍ଠରେ ଭ୍ରାମ୍ୟମାଣ ଭ୍ୟାନ୍ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ରହି ରୋଗଗ୍ରସ୍ତ ପରିତ୍ୟକ୍ତ ପଶୁମାନଙ୍କୁ

ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦେବା ଉଚିତ୍। ସପ୍ତମରେ ଭ୍ରାମ୍ୟମାଣ ଅଦାଲତ ମାଧ୍ୟମରେ ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁରତା ଅବଲମ୍ବନ କରୁଥିବା ବ୍ୟକ୍ତି ପ୍ରତି କଠିନ ଦଣ୍ଡଦେବା ଓ ଜୋରିମାନା ଆଦାୟ କରିବା ଉଚିତ୍। ଏବେ ଅନବରତ ଭାବେ ପଶୁପକ୍ଷୀମାନଙ୍କ ପ୍ରତି ଏଇ ମଣିଷ ଅତ୍ୟନ୍ତ ନିଷ୍ଠୁରଭାବେ ଅବିଚାର କରି ଚାଲିଛି। କିନ୍ତୁ ପ୍ରତ୍ୟେକ ଲୋକର ହୃଦବୋଧ ହେବା ଦରକାର ଯେ ନିରୀହ ପଶୁପକ୍ଷୀ ଆମକୁ ଜୀବନର ପ୍ରତ୍ୟେକ ସ୍ଥଳରେ ବଞ୍ଚିବାକୁ ସାହାଯ୍ୟ କରୁଛନ୍ତି। ମନୁଷ୍ୟ ଶ୍ରେଷ୍ଠ ଜୀବ ଭାବରେ ପରିଚିତ। ତେଣୁ ମନୁଷ୍ୟ ସମାଜ ସଚେତନ ହେଲେ ପଶୁପକ୍ଷୀମାନେ ନିଷ୍ଠୁରତାରୁ ରକ୍ଷା ପାଇବେ ଓ ସୁସ୍ଥ ସମାଜ ଗଠନ ହୋଇପାରିବ।

❖ ❖ ❖

## ପ୍ରାଣୀବିଚିତ୍ରା

# ସରକାର ପଶୁବଳି ସପକ୍ଷରେ ନା ବିପକ୍ଷରେ

ଦେବଦେବୀଙ୍କ ନିକଟରେ ପଶୁବଳି ଦିଆଯିବା ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅସନ୍ତୋଷ ନୂଆ ଏକ ବିତର୍କ ସୃଷ୍ଟି କରିଛି। ନିଜ କ୍ୟାବିନେଟ୍ ସହଯୋଗୀମାନଙ୍କୁ ପ୍ରଭାବିତ କରିପାରୁନଥିବା ମୁଖ୍ୟମନ୍ତ୍ରୀ ଏ ରାଜ୍ୟର ସାଧାରଣ ଲୋକଙ୍କୁ କିପରି ପ୍ରଭାବିତ କରାଇବେ ତାହା ଏବେ ବିଭିନ୍ନ ମହଲରେ ପ୍ରଶ୍ନ ସୃଷ୍ଟି କରିଛି।

ଉଲ୍ଲେଖଯୋଗ୍ୟ, ସାଧାରଣ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ, ତନ୍ତ୍ରମନ୍ତ୍ର, କୁସଂସ୍କାର ଆଦି ଦୂର କରିବା ଲାଗି ସମଗ୍ର ଭାରତବର୍ଷରେ ଏକ ଆନ୍ଦୋଳନ ଆରମ୍ଭ ହୋଇଛି। ରାଜ୍ୟ ସରକାର ମଧ୍ୟ ଏନେଇ ଉଦ୍ୟମ ଜାରି ରଖିଛନ୍ତି। କେତେକ କ୍ଷେତ୍ରରେ ଜିଲ୍ଲା ପ୍ରଶାସନକୁ ଅଲିଖିତ ନିର୍ଦ୍ଦେଶ ଦେଇ ସରକାର ବଳି ପ୍ରଥା ବନ୍ଦ କରିବାରେ ସକ୍ଷମ ହୋଇଥିଲେ ମଧ୍ୟ ଜଣେ ପରେ ଜଣେ କ୍ୟାବିନେଟ୍ ମନ୍ତ୍ରୀ ପଶୁବଳି ଓ ତନ୍ତ୍ରମନ୍ତ୍ର ଭଳି ଘଟଣା ସହିତ ନିଜକୁ ଜଡ଼ିତ ରଖିବା ସରକାରଙ୍କ କାର୍ଯ୍ୟକୁ ଚାଲେଞ୍ଜ କରୁଛି। ଏହାଦ୍ୱାରା ସରକାରଙ୍କ କଥା ଓ କାର୍ଯ୍ୟର ଫରକ୍ ଜଣାପଡ଼ିଯାଉଥିବା ବେଳେ ଗଣତନ୍ତ୍ର ନାମରେ ଏଠି ତନ୍ତ୍ରମନ୍ତ୍ରର ଶାସନ ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଦୁଇବର୍ଷ ତଳେ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯାଜପୁରରେ ବିରଜା ମୂର୍ତ୍ତୀ ବଦଳକୁ ନେଇ ବିତର୍କ ଘେରକୁ ଆସିଥିଲେ। ଏ ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ସରକାର ଆରଡିସିଙ୍କ ତଦନ୍ତ ରିପୋର୍ଟ ଚାପି ରଖିଛନ୍ତି। କିଛି ମାସ ତଳେ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ ନିଜ ନିର୍ବାଚନ ମଣ୍ଡଳୀର ଏକ ମନ୍ଦିରକୁ ଯାଇ ନିଶାର୍ଦ୍ଧରେ ପଶୁବଳି ଦେଇ ବିବାଦକୁ ଆସିଥିଲେ। ଆଉ ଏବେ ନଗର ଉନ୍ନୟନମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଖାଲି ୫ଟି ଛେଳି ବଳି ପାଇଁ ଦେଇନାହାନ୍ତି ବରଂ ଏହା ସପକ୍ଷରେ ଖୋଲାଖୋଲି ଓକିଲାତି କରିଛନ୍ତି।

ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବଳି ଦେବା କଥା ପଦାକୁ ଆସିବା ପରେ ସମ୍ବାଦିକମାନେ ତାଙ୍କ ମତାମତ ଲୋଡ଼ିଥିଲେ। ଉତ୍ତରରେ ମନ୍ତ୍ରୀ ବଳିପ୍ରଥା ସପକ୍ଷରେ ଓକିଲାତି କରିଥିଲେ। କେବଳ ସେତିକି ନୁହେଁ, ନିଜ ମତକୁ ଅଧିକ ବଳିଷ୍ଠ କରିବା ଲାଗି ତଥା ପ୍ରଥା ଓ ପରମ୍ପରା ନାମରେ ଅନ୍ଧବିଶ୍ୱାସକୁ ସବୁଦିନ ପାଇଁ ଜାବୁଡ଼ି ରଖିବା ଲାଗି ଏହା ଉପରେ ଆଇନର କୌଣସି ଅଙ୍କୁଶ ଲାଗିପାରିବ ନାହିଁ ବୋଲି ଯୁକ୍ତି ଦର୍ଶାଇଥିଲେ।

ତେବେ ମନ୍ତ୍ରୀଙ୍କର ଏହି ଦୃଢ଼ୋକ୍ତି ସହିତ ଆଜି ମୁଖ୍ୟମନ୍ତ୍ରୀ ଏକମତ ହୋଇପାରିନାହାନ୍ତି। ବିଜେପି ଦଳର ନେତା ତଥା ଆଇନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ମଧ୍ୟ ବଳିପ୍ରଥାକୁ ସମର୍ଥନ କରିନାହାନ୍ତି। ମାତ୍ର ସେମାନଙ୍କ ବିରୋଧ କନକ ବର୍ଦ୍ଧନ ସିଂହଦେଓ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ।

ଅନ୍ୟପକ୍ଷରେ ବିଶିଷ୍ଟ ପରିବେଶବିତ୍ ବିଶ୍ୱଜିତ ମହାନ୍ତି ନିଜ ପ୍ରତିକ୍ରିୟାରେ ମନ୍ତ୍ରୀଙ୍କ ଯୁକ୍ତିକୁ ନାପସନ୍ଦ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟଧାରା ସହିତ ଏକମତ ହୋଇପାରୁନଥିବା ମନ୍ତ୍ରୀ ଉକ୍ତ ଆସନରେ ରହିବା ଉଚିତ ନୁହେଁ ବୋଲି କଡ଼ା ସମାଲୋଚନା କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ ଗଣତନ୍ତ୍ର ପ୍ରତିଷ୍ଠା ହେବା ପରେ ମହାରାଜା ଭାବେ ନିଜକୁ ଜନମାନସରେ ପରିଗଣିତ କରିବାର ଅଧିକାରୀ ଶ୍ରୀ ସିଂହଦେଓଙ୍କର ନାହିଁ।

ବଳି ପ୍ରଥା ସମ୍ପର୍କରେ ଶ୍ରୀ ମହାନ୍ତି କହିଛନ୍ତି ଯେ ପଶୁବଳି ଦିଆଯିବା ନେଇ ଓଡ଼ିଶା ହାଇକୋର୍ଟ ସିଧାସଳଖ କୌଣସି କଟକଣା ଜାରି କରିନଥିଲେ ମଧ୍ୟ ସ୍ଥଳ ବିଶେଷରେ ହସ୍ତକ୍ଷେପ କରି ଏହି ବ୍ୟବସ୍ଥାକୁ ବନ୍ଦ କରିଛନ୍ତ। ଅନ୍ୟ ରାଜ୍ୟର ହାଇକୋର୍ଟ ମଧ୍ୟ ଏ ନେଇ ରାୟ ଦେଇଛନ୍ତି। କୌଣସି ପଶୁକୁ ବଳି ଦେବା ଜୀବ ନିଷ୍ଠୁରତା ନିରୋଧ ଆଇନ, ୧୯୬୦ କୁ ଉଲଙ୍ଘନ କରୁଛି ବୋଲି ସେ ସୂଚନା ଦେଇଛନ୍ତି ଏବଂ ଆଇପିସିରେ ମଧ୍ୟ ଏ ନେଇ ବ୍ୟବସ୍ଥା ରହିଥିବା କଥା କହିଛନ୍ତି। ଗୋଟିଏ ପଶୁ ସମ୍ମୁଖରେ ଆଉ ଜଣକୁ ହତ୍ୟା କରିବା ଜୀବ ନିଷ୍ଠୁରତାର ଅଂଶ ବିଶେଷ। ତେବେ ରାସ୍ତା କଡ଼ରେ ଖାସି କାଟିବା ବେଆଇନ ହୋଇଥିଲେ ହେଁ, ଏହା ସହିତ ତାକୁ ଯୋଡ଼ି ଅନ୍ଧବିଶ୍ୱାସକୁ ଉତ୍ସାହିତ କରିବା ଉଚିତ ନୁହେଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

ତେବେ ଏହି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ଭୂମିକାକୁ ସାଧାରଣରେ କଠୋର ସମାଲୋଚନା କରାଯାଇଛି। ତାଙ୍କର ଉଦାସୀନତା ଏବଂ ଯାହା ଚାଲିଛି ଚାଲିଥାଉ ନୀତି ହିଁ ଏହି ପ୍ରଥାକୁ ଉତ୍ସାହିତ କରୁଥିବା ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଯାହା କହୁଛନ୍ତି ଯଦି ସେଥିରେ ତାଙ୍କର ବିଶ୍ୱାସ ଥାଏ ତାହାହେଲେ ସେ ତାଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ଆବଶ୍ୟକ।

*(ସମ୍ବାଦ - ତା୦୩.୧୦.୨୦୦୬)*